## କରୋନା ଭୁତାଣୁ ସଂକ୍ରମଣର ପ୍ରତିରୋଧ ନିମନ୍ତେ ସମୀକ୍ଷା ବୈଠକ -

### ଶିଳ୍ପ ସଂସ୍ଥା ଓ ହୋଟେଲ ଗୁଡିକରେ କରୋନା କର୍ଣ୍ଣର ଓ Isolation ward ଖୋଲିବା ବାଧ୍ୟତାମୂଳକ ।

କରୋନା ଭୁତାଣୁ କୋଭିଦ୍-୧୯ ର ପ୍ରତିରୋଧ ନିମନ୍ତେ ଜଲ୍ଲାର ବିଭିନ୍ନ ଶିଳ୍ପ ସଂସ୍ଥା ଓ ହୋଟେଲ ଗୁଡିକରେ ନିଆଯାଇଥିବା ପ୍ରିତିଶେଧକ ବ୍ୟବସ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । କରୋନା ଭୁତାଣୁ ବର୍ତ୍ତମାନ ବିଶ୍ୱର ୧୫୬ ଟି ଦେଶରେ ତାର କାୟ୍ତା ବିସ୍ତାର କରିଛି । ଭାରତ ମଧ୍ୟ ଏଥିରୁ ବାଦ ପଡି ନାହିଁ । ଏହି ମାରାତ୍ମକ କରୋନା ଭୁତାଣୁର ପ୍ରତିହତ କରିବା ନିମନ୍ତେ ସଂଘବଦ୍ଧ ଭାବେ ସରକାରଂକ ନିୟମାବଳୀ ଆଧାରରେ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ସମସ୍ତ ଶିଳ୍ପ ସଂସ୍ଥା ଓ ହୋଟେଲର କର୍ମକର୍ତ୍ତାଂକୁ ଆହ୍ୱାନ କରିଛନ୍ତି । ସମସ୍ତ ଶିଳ୍ପ ସଂସ୍ଥା ସେମାନଂକର ଚିକିତ୍ସାଳୟରେ କରୋନା କର୍ଣ୍ଣର ଓ Isolation ward ରଖିବେ । ବାହାରୁ ଆସୁଥିବା ଯେ କୌଣସି ପର୍ଯ୍ୟଟକମାନଂକର ଯାତ୍ରା କରିଥିବା ସ୍ଥାନ ଓ ମିଳାମିଶା କରିଥିବା ଲୋକଂକ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିବେ । କରୋନା ଭୁତାଣୁ ଥିବାର ଲକ୍ଷଣ ଓ ସନ୍ଦେହ ସୃଷ୍ଟି ହେଲେ ସେମାନଂକୁ ସ୍ୱତନ୍ତ୍ର ୱାର୍ଡ କିମ୍ଵା ଚିକିତ୍ସାଳୟରେ ରଖି ସେମାନଂକର ରକ୍ତ ନମୁନା ଓ ସ୍ୱାବର ପରିକ୍ଷା କରିବାକୁ ପରାମର୍ଶ ଦିଆଯାଇଛି । ଚଳିତ ମାସ ୪ ତାରିଖରୁ ବାହାର ଦେଶ ଓ ବିଭିନ୍ନ ରାଜ୍ୟରୁ ଏହି ଜିଲ୍ଲାକୁ ଆସୁଥିବା ସମସ୍ତ ପର୍ଯ୍ୟଟକମାନଂକର ଯାତ୍ରା ବିବରଣୀ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ତରଫରୁ ଟୋଲ ଫ୍ରି ହେଲପ୍ ଲାଇନ୍ ନମ୍ବର ୧୦୭୭, ୦୬୭୬୪-୨୩୪୨୧୮ ଓ ୦୬୭୬୪-୨୩୦୯୮୦ ରେ କରୋନା ସଂକ୍ରମଣର ଆଶଂକା ସୃଷ୍ଟି ହେଉଥିଲେ ଜଣାଇବାକୁ ପରାମର୍ଶ ଦିଆଯାଇଛି । ଶିଳ୍ପ ସଂସ୍ଥା ଓ ହୋଟେଲଗୁଡିକୁ ୧୪ ଦିନ ମଧ୍ୟରେ ଆସୁଥିବା ସମସ୍ତ ପର୍ଯ୍ୟଟକମାନଂକୁ Quarantine ରେ ୧୪ଦିନ ପର୍ଯ୍ୟନ୍ତ ରଖାଯିବ । ଯଦି ଏହି ସମୟ

ମଧ୍ୟରେ ଜ୍ୱର,କାଶ,ଥଣ୍ଡା ଓ ଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରନ୍ତି ତାଂକୁ ତୁରନ୍ତ ଡାକ୍ତରଖାନାର Isolation ward ରେ ରଖି ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଛି । ନିଜ ସଂସ୍ଥା ପରିସରରେ ଜନଗହଳି ନ କରି ବାଇଓମେଟ୍ରିକ୍ ଉପସ୍ଥାପନକୁ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଛି । ନିଜ ସଂସ୍ଥାର କୌଣସି କର୍ମଚାରୀଂକୁ କରୋନା ଭୁତାଣୁ ପ୍ରଭାବିତ ରାଜ୍ୟ ଓ ଦେଶକୁ ଯିବାକୁ ମନା । ହୋଡିଂ ଓ ବ୍ୟାନର ମାଧ୍ୟମରେ କର୍ମଚାରୀମାନଂକୁ ଏହି କରୋନା ଭୁତାଣୁ ସଂକ୍ରମଣ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି । ସରକାରଂକ ଦ୍ୱାରା ପ୍ରଚଳିତ ନିୟମାବଳୀକୁ ଅବମାନନା କଲେ ସମ୍ପୃକ୍ତ ସଂସ୍ଥା ଓ ହୋଟେଲ ମାଲିକଂକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି । ବୈଠକରେ ଯୋଗ ଦେଇଥିବା ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା କାର୍ଯ୍ୟ କ୍ଷେତ୍ରରେ କର୍ମଚାରୀମାନଂକ ପାଇଁ ଆବଶ୍ୟକ ୱାସ ବେସିନ୍ ସହ ହାତ ଧୁଆ ସଫେଇ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି । ଯେଉଁମାନେ ବାହାର ଦେଶ ଓ ରାଜ୍ୟରୁ ଜିଲ୍ଲାକୁ ଆସୁଛନ୍ତି ସେମାନେ ୧୦୪ Helpline ରେ ପଂଜିକରଣ କଲେ ସରକାରଂକ ତରଫରୁ ୧୫ ହଜାର ଟଂକାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ । ଏହି ବୈଠକରେ ଉପସ୍ଥିତ ନାଲ୍କୋ,ଜେ ଏସ୍ ପି ଏଲ୍, ଜେ ଆଇ ଟି ପି ଏଲ୍, ଏନ୍ ଟି ପି ସି(କଣିହାଁ) , ଟି ଟି ପି ଏସ୍, ଟାଟା ବି ଏସ୍ ଏଲ୍, ଏମ୍ ସି ଏଲ୍ ପ୍ରଭୃତି ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନେ ସେମାନଂକ ନିଜସ୍ୱ ଡାକ୍ତରଖାନାରେ କରୋନା କର୍ଣ୍ଣର ଓ Isolation ward ର ବ୍ୟବସ୍ଥା କରିଛନ୍ତି ବୋଲି ପ୍ରକାଶ କରିଥିଲେ । ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ କେଉଁ ଶିଳ୍ପ ସଂସ୍ଥାରେ କିମ୍ବା ହୋଟେଲରେ କେତେ ଦିନ ରହିଛନ୍ତି ଓ କେତେ ଜଣ କର୍ମଚାରୀ ବାହାର ଦେଶକୁ ଯାଇଛନ୍ତି ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ୧୪୪ ଧାରା ଜାରି ହୋଇଥିବାରୁ ସେମିନାର,ସଭା,ବୈଠକ କରାଯିବାକୁ ବାରଣ କରାଯାଇଛି । ବିଭିନ୍ନ ଧାର୍ମିକ ପୀଠକୁ ଆସୁଥିବା ପର୍ଯ୍ୟଟକ ଓ ଦର୍ଶନାଭିଳାଶୀମାନଂକ ପାଇଁ ମନ୍ଦିର ଫାଟକ ନିକଟରେ ହାତଧୁଆ ବ୍ୟବସ୍ଥା କରି ସେମାନଂକୁ ଜଣଂକ ପରେ ଜଣେ ଛାଡିବାକୁ କୁହାଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଏହି ଜାତୀୟ ବିପର୍ଯ୍ୟୟର ସଠିକ୍ ମୁକାବିଲା କରି ଏହି ରୋଗର ସଂକ୍ରମଣକୁ ପ୍ରତିହତ କରିବାକୁ ଜିଲ୍ଲାପାଳ ସମସ୍ତଂକର ସହଯୋଗ କାମନା କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପ ତିରାୟ୍ , ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରତାପ କୁମାର ବେହେରାଂକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


Angul(Odisha)
NAME

